**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**6 October - 2024**

**********************************

# ଶିକ୍ଷାର ବିକାଶ ପାଇଁ ପାଣ୍ଠି ବରାଦ

ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ୩୫ହଜାର ୫୩୬କୋଟି ଟଙ୍କା ପାଣ୍ଠି ବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତକାଲି ୧୬ହଜାର ୯ଜଣ କନିଷ୍ଠ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହାକୁ ଆହୁରି ଆଧୁନିକ ଓ ଉନ୍ନତ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି ଅବସରରେ ସେ ଶିକ୍ଷକତାକୁ ପେଶା ନୁହେଁ ନିଶା ଭାବେ ଗ୍ରହଣ କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଆଗାମୀ ଦିନରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିକଶିତ ଓଡ଼ିଶା ଓ ଭାରତର ମୁଖ୍ୟ ସୂତ୍ରଧର ହେବେ । ସମାଜକୁ ସଶକ୍ତ କରିବା ଦିଗରେ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି । ଆଗାମୀ ୨୫ ବର୍ଷ ମଧ୍ୟରେ ଶିକ୍ଷା ଓ ଜ୍ଞାନର ବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## କନିଷ୍ଠ ଶିକ୍ଷକ ନିୟମିତ

ରାଜ୍ୟରେ ୯ହଜାର ୨୦୦ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ଥିବା ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି । ଏହା ଆଧାରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ଲେଖାଯାଇଛି । ପତ୍ର ଅନୁସାରେ ସହକାରୀ ଶିକ୍ଷକ ଗ୍ରେଡ୍ ଲେବଲ-୫ ପ୍ରାଥମିକ କ୍ୟାଡରଭୁକ୍ତ କରାଯାଇ ଶିକ୍ଷକମାନଙ୍କୁ ନିୟମିତ କରାଯିବ । ନିରବଚ୍ଛିନ୍ନ ଭାବେ ୬ ବର୍ଷ ଚାକିରୀ କରିଥିବେ ଏବଂ ସେମାନଙ୍କ ଶିକ୍ଷାଦାନରେ ସରକାର ସନ୍ତୁଷ୍ଟ ଥିବା ଶିକ୍ଷକମାନଙ୍କୁ ନିୟମିତ କରାଯିବ । ଶିକ୍ଷକମାନଙ୍କୁ ନିୟମିତ ପତ୍ର ଦେବା ପୂର୍ବରୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ତାଲିମ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ଯାଞ୍ଚ କରି ଦାଖଲ କରିବାକୁ କୁହାଯାଇଛି ।

## ଆଳୁ ମିଶନ

ରାଜ୍ୟ ସରକାର ଆଳୁ ମିଶନର ଅବଧିକୁ ଆଉ ୩ବର୍ଷ ବୃଦ୍ଧି କରିଛନ୍ତି । ଏଥିସହ ରାଜ୍ୟରେ ଆଳୁ ଉତ୍ପାଦନ ବଢ଼ାଇବା ପାଇଁ ଉତ୍ତରପ୍ରଦେଶ ଓ ପଞ୍ଜାବରୁ ବିହନ ଆମଦାନୀ କରିବାକୁ ନିଷ୍ପତ୍ତି ହୋଇଛି । ଏ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯିବ । ଏହାସହ ସବୁ

ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ଲୋକସେବା ଭବନ-ବୈଠକ

ରାଜ୍ୟରେ ଉନ୍ନତମାନର ସଡ଼କ ନିର୍ମାଣ ସହ ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଓଡ଼ିଶା ରାଜ୍ୟ ସଡ଼କ ନୀତି-୨୦୨୪ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏନେଇ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସଡ଼କ ଭିତ୍ତିଭୂମିର ସୁଦୃଢ଼ୀକରଣ, ରକ୍ଷଣାବେକ୍ଷଣ, ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଆଦି ସମ୍ପର୍କରେ ଓଡ଼ିଶା ରାଜ୍ୟ ସଡ଼କ ନୀତିର ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା ।

## ଇଭି-ନିୟମ ଲାଗୁ

ରାଜ୍ୟ ସରକାରଙ୍କ ଗ୍ରପ୍-ଏ ଏବଂ ଗ୍ରୁପ୍-ବି ବର୍ଗର କର୍ମଚାରୀମାନେ ନିୟମିତ ଚାକିରୀର ସର୍ବନିମ୍ନ ୫ ବର୍ଷ ପୂରଣ କଲେ ୪ ଚକିଆ ଇ-ଯାନ ଇଭି ଅଗ୍ରୀମ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । ଦୁଇଚକିଆ ଇଭିପାଇଁ ଏହି ନିୟମ ଲାଗୁ ହେବ ନାହିଁ ବୋଲି ଅର୍ଥବିଭାଗ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଜାରି କରାଯାଇଛି । ଯେଉଁ କର୍ମଚାରୀମାନେ ଦୁଇଚକିଆ ଓ ଚାରିଚକିଆ ଇଭି ପାଇଁ ଅଗ୍ରୀମ ପାଇଛନ୍ତି ଏବଂ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଠାରୁ ନୋ ଡିୟୁ ପ୍ରମାଣପତ୍ର ପାଇନାହାନ୍ତି ସେମାନେ ଏହି ସୁବିଧାରୁ ବଞ୍ଚିତ

ହେବେ । ଅଗ୍ରୀମ ପାଇବାକୁ ହେଲେ ଦୁଇଜଣ ନିୟମିତ ସରକାରୀ କର୍ମଚାରୀଙ୍କଠାରୁ ପ୍ରାପ୍ତ ସ୍ୟୁରିଟି ବଣ୍ଡ ଏବଂ ପ୍ରାନ୍ ଆଲର୍ଟମେଣ୍ଟ ଦାଖଲ ବାଧ୍ୟତାମୂଳକ ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ।

# ବରିଷ୍ଠ ନାଗରିକ

ରାଜ୍ୟରେ ୬୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ଯତ୍ନ ନେବା ପାଇଁ ସରକାର ୩ ମାସିଆ ପ୍ରଶିକ୍ଷଣ ପ୍ରଦାନ କରିବେ । କର୍ମନିଯୁକ୍ତି ଅନ୍ୱେଷଣରେ ଥିବା ଯୁବତୀ ଓ ମହିଳାଙ୍କୁ ଏହି ପ୍ରଶିକ୍ଷଣ ଦିଆଯିବ । ପ୍ରଶିକ୍ଷାର୍ଥୀଙ୍କ ବୟସ ୧୮ରୁ ୩୮ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଓ ଦଶମ ପାସ୍ ଜରୁରୀ । କେନ୍ଦ୍ରସରକାରଙ୍କ ଏନ୍ଆଇଏସ୍ଡି ମାର୍ଗଦର୍ଶିକା ଅନୁସାରେ ଏହି ପ୍ରଶିକ୍ଷଣ ଦିଆଯିବ । ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସଂକଳ୍ପନାମା ପ୍ରକାଶ ପାଇଛି । କେନ୍ଦ୍ର ସରକାରଙ୍କ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ଓ ରାଜ୍ୟ ସରକାରଙ୍କ ଅବଦାନ ଯୋଜନା ମାଧ୍ୟମରେ ଏହି ପ୍ରଶିକ୍ଷଣ ଦିଆଯିବ ।

# ସ୍ୱେଚ୍ଛାକୃତ ଅବସର

୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ତଥା ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀଙ୍କୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବାପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି । ଏନେଇ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି । ରାଜ୍ୟ ସରକାର ତାଙ୍କୁ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ

ନିଯୁକ୍ତି ଦେଇଛନ୍ତି । ଶ୍ରୀ ଷଡ଼ଙ୍ଗୀ ସ୍ୱେଚ୍ଛାକୃତ ଅବସର ନିମନ୍ତେ ସେପ୍ଟେମ୍ବାର ମାସ ୩୦ ତାରିଖରେ ଆବେଦନ କରିଥିଲେ ।

# ହବିଷ୍ୟାଳୀ ଯୋଜନା

ଶ୍ରୀକ୍ଷେତ୍ର ପୁରୀରେ ହବିଷ୍ୟାଳିମାନଙ୍କ ପାଇଁ ଆଜିଠାରୁ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହେବ । ଏହି ପ୍ରକ୍ରିୟା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ହବିଷ୍ୟାଳି ଯୋଜନାରେ ୨ ହଜାର ୫୦୦ ଜଣଙ୍କୁ ପଞ୍ଜୀକରଣ କରାଯିବ। ଏହି ଯୋଜନାରେ ନାମ ପଞ୍ଜୀକରଣ କରିବାକୁଥିବା ହବିଷ୍ୟାଳିମାନେ edistrict.odisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ପଞ୍ଜୀକରଣ କରିପାରିବେ।

## ନବରାତ୍ରୀ ପୂଜାର୍ଚ୍ଚନା

ନବରାତ୍ରିର ଚତୁର୍ଥ ଦିବସରେ ଆଜି ବିଭିନ୍ନ ଶକ୍ତି ପୀଠରେ ରୀତିନୀତି ସହ ପୂଜାର୍ଚ୍ଚନା ସାଙ୍ଗକୁ ମାଙ୍କ କୁଶମାଣ୍ଡା ବେଶ ଅନୁଷ୍ଠିତ ହେଉଛି । ଦେବୀ କୁଶମାଣ୍ଡା ହେଉଛନ୍ତି ତେଜ ଓ ପ୍ରତାପର ସ୍ୱରୂପ । ସାରା ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ଏବଂ ପ୍ରାଣୀଙ୍କ ଠାରୁ ନିର୍ଗତ ହେଉଥିବା ତେଜର ସୃଷ୍ଟିକର୍ତ୍ତା ଦେବୀ କୁଶମାଣ୍ଡା ବୋଲି ବିଶ୍ୱାସ ରହିଛି ।

# ବାଲିଯାତ୍ରା-ପ୍ଲଟ ପଞ୍ଜିକରଣ

ଐତିହାସିକ କଟକ ବାଲିଯାତ୍ରା ପାଇଁ ଆଜିଠୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ପ୍ରଥମଥର ପାଇଁ ସମ୍ପୂର୍ଣ୍ଣ ପଞ୍ଜିକରଣ ପ୍ରକ୍ରିୟାକୁ ଇ-ପେମେଣ୍ଟ ଜରିଆରେ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଚଳିତବର୍ଷ ମଧ୍ୟ ପୃଷ୍ଠପୋଷକଙ୍କୁ ପଞ୍ଜିକରଣ ପ୍ରକ୍ରିୟାରେ ପ୍ରାଧାନ୍ୟ ଦିଆଯାଇଛି । ଆସନ୍ତା ୧୫ ତାରିଖରେ ଅନ୍ୟ ବ୍ୟବସାୟୀ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ପ୍ଲଟ ପାଇଁ ପଞ୍ଜିକରଣ କରିପାରିବେ । ସୂଚନା ଅନୁସାରେ ଆସନ୍ତା ନଭେମ୍ବର ୧୫ ତାରିଖରୁ ୨୨ ତାରିଖ ଯାଏଁ ବାଲିଯାତ୍ରା ଅନୁଷ୍ଠିତ ହେବ ।